# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 28 November - 2024

News Editor : Satya Narayan Pattanaik

************************************

## ମୁଖ୍ୟ ସମ୍ବାଦ

- ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବା ପାଇଁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ୩ ଦିନିଆ ଗସ୍ତରେ ଆସିବେ ଭୁବନେଶ୍ୱର ।

- ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି ।

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ-୨୦୨୪'କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ୨୦୨୫ ମସିହା ଜାନୁୟାରୀ ମାସରେ ଭୁବନେଶ୍ୱରରୁ ଦେଶର ୫ଟି ସ୍ଥାନକୁ ନୂତନ ବିମାନ ସେବା ହେବ ଆରମ୍ଭ ।

**BBSR/R**

## ପି.ଏମ୍. - ଡି.ଜି.ପି. ସମ୍ମିଳନୀ

ରାଜ୍ୟରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଡିସେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେବେ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱରରେ ୬ଟି ଅଞ୍ଚଳକୁ ସୁରକ୍ଷା ଦୃଷ୍ଟିରୁ ନୋ-ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି।

**BBSR/R**

## ପି.ଏମ୍. - ଡି.ଜି.ପି. ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଏକ ରୋଡ୍ ଶୋରେ ଭାଗନେବେ। ପ୍ରଧାନମନ୍ତ୍ରୀ ବିଜେପିର ବରିଷ୍ଠ ପଦାଧିକାରୀ, ବିଧାୟକ ଏବଂ ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ୧ ତାରିଖ ରବିବାର ଦିନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

**BBSR**

## ବିଧାନସଭା-୧

ବିଧାନସଭା ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ଆଜି ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି। ପ୍ରଶ୍ନୋତ୍ତର କାଳରେ ୩୦ଟି ମୌଖିକ ଆଗତ ପ୍ରଶ୍ନ ମଧ୍ୟରୁ ୨ଟି ପ୍ରଶ୍ନ ଉପରେ ଗୃହରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁମାନଙ୍କର ଆଲୋଚନାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖି ବିରୋଧୀ ସଦସ୍ୟମାନଙ୍କର ପ୍ରସ୍ତାବକୁ ନିରାଧାର ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ରାଜ୍ୟ ସରକାର ଅପରାଧକୁ ନିୟନ୍ତ୍ରଣ କରିବାରେ ଆବଶ୍ୟକୀୟ ଦଣ୍ଡବିଧାନ ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ମହିଳା ବିରୋଧି ଅପରାଧର ତ୍ୱରିତ ବିଚାର ପାଇଁ ସରକାର ଚାରୋଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ପଦକ୍ଷେପ ନେଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

***BBSR***

## ବିଧାନସଭା-୨

ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଧାନସଭା ଆସନ୍ତାକାଲି ଏବଂ ଶନିବାର ଦିନ ବନ୍ଦ ରହିବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି। ବାଚସ୍ପତି ସୁରମା ପାଢ଼ୀ ଗୃହକାର୍ଯ୍ୟ ପରାମର୍ଶଦାତା କମିଟି ବୈଠକର ପରାମର୍ଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି।

***BBSR***

## ବିଧାନସଭା-୩

ରାଜ୍ୟରେ ଡ୍ରେନେଜ ବ୍ୟବସ୍ଥା ଓ ଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ପାଇଁ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୩୩୦ କୋଟି ଟଙ୍କାର

ବ୍ୟବସ୍ଥା କରାଯାଇଛି। ଗୃହରେ ଆଜି ପ୍ରଶ୍ନକାଳରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ କେତେକ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି ରାଜ୍ୟ ସରକାର ଜଳ ନିଷ୍କାସନ ଏବଂ ଡ୍ରେନେଜ ବ୍ୟବସ୍ଥା ନେଇ ସମ୍ପୂର୍ଣ୍ଣ ଯତ୍ନବାନ ଅଛନ୍ତି ଏବଂ ଆଗାମୀ ଦିନରେ ଜଳ ନିଷ୍କାସନ କ୍ଷେତ୍ରରେ ଥିବା ସମସ୍ୟା ଦୂରୀକରଣ ପାଇଁ ବିଭାଗ ଅଧିକ ତତ୍ପରତାର ସହ କାର୍ଯ୍ୟ କରିବ।

***BBSR***

## ବିଧାନସଭା-୪

ରାଜ୍ୟରେ ବେଆଇନ ଖଣି କାରବାରକୁ ରୋକିବା ପାଇଁ ତହସିଲ ସ୍ତରରେ ଟାସ୍କଫୋର୍ସ ଗଠନ କରାଯିବା ଲାଗି ସରକାରଙ୍କର ପ୍ରସ୍ତାବ ରହିଛି। ବେଆଇନ ଖଣି ଉତ୍ତୋଳନକୁ ରୋକିବା ପାଇଁ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍) ନିୟୋଜିତ କରିବାକୁ ସରକାର ବିଚାର କରୁଛନ୍ତି ବୋଲି ଆଜି ଗୃହରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ରାଜ୍ୟରେ ମୋଟ ୩ ହଜାର ୫୫୭ଟି ଲଘୁ ଖଣିଜ ସମ୍ପଦ ଉତ୍ସ ରହିଛି ସେଥିମଧ୍ୟରୁ ଏପର୍ଯ୍ୟନ୍ତ ୨ ହଜାର ୧୦୭ଟି ଉତ୍ସ' ଖଣି ବିଭାଗ ଅଧିନକୁ ଆସିଛି। ସମସ୍ତ ଖଣିସମ୍ପଦ ଉତ୍ସ' ବିଭାଗ ଅଧିନକୁ ଆସିବା ପରେ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ରଖାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଖଣି କ୍ଷେତ୍ରରେ ଗ୍ରେଡ୍ ପରିଚାଳନାରେ ହେଉଥିବା ଦୁର୍ନୀତି ଏବଂ ରାଜସ୍ୱ କ୍ଷତି ପହଞ୍ଚାଇବା ହ୍ରାସ କରାଯାଇପାରିଛି ବୋଲି ମଧ୍ୟ ସେ ଗୃହରେ କହିଛନ୍ତି।

***BBSR***

## ବିଧାନସଭା-୫

ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡ଼ର ପୁନର୍ଗଠନ କରାଯିବ। ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ପୂର୍ବ ସରକାରଙ୍କ କାଳରେ ବିଗତ ୨୪ ବର୍ଷ ମଧ୍ୟରେ ୨୦୦୩ ମସିହା ଓ ୨୦୦୭ ମସିହାରେ ଦୁଇଥର ପାଇଁ ରାଜ୍ୟ ଯୋଜନା ବୋର୍ଡର ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ସେ କହିଛନ୍ତି।

***BBSR***

## ବିଧାନସଭା-୬

ମହାନଦୀ ଅବବାହିକାରେ ନୂଆ ଜଳଭଣ୍ଡାର ପ୍ରକଳ୍ପ ଏବଂ ବ୍ୟାରେଜ ତିଆରି କରିବା ପାଇଁ ସରକାର ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଏବଂ ଜଳ ଆୟୋଗଙ୍କ ସହ ବିଚାର ବିମର୍ଶ କରୁଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରକଳ୍ପ ଲାଗି କେତେକ କେନ୍ଦ୍ରୀୟ ସଂସ୍ଥାନ ଏବଂ କେନ୍ଦ୍ରୀୟ ଜଳ ଆୟୋଗଙ୍କର ବୈଷୟିକ ଅନୁମୋଦନ ସମ୍ବନ୍ଧୀୟ ତଥ୍ୟ ନେଇ ବିଚାର ବିମର୍ଷ ଚାଲିଛି। ପ୍ରକଳ୍ପ ପାଇଁ ମୁଖ୍ୟ ଯନ୍ତ୍ରୀମାନଙ୍କୁ ନକ୍ସା ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

***HS***

## ମହକ ଓ ଉତ୍ସାହ-୨୦୨୪

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ

ମହୋତ୍ସବ 'ମହକ ଓ ଉତ୍ସାହ-୨୦୨୪' ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି। କ୍ରୀଡ଼ା ପାଇଁ ସରକାରୀ ସ୍ତରରେ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ସୁବିଧା ଯୋଗାଇ ଦିଆଯାଇ ରାଜ୍ୟର ନବପ୍ରତିଭାଶାଳୀମାନଙ୍କୁ ସୁଯୋଗ ଦେବା ନିମନ୍ତେ ପ୍ରଚେଷ୍ଟା କରାଯାଉଛି। ବିକଶିତ ଓଡ଼ିଶା ନିର୍ମାଣରେ କ୍ରୀଡ଼ା କ୍ଷେତ୍ରର ବିଶେଷ ଯୋଗଦାନ ରହିଛି ଏଥିନିମନ୍ତେ ସରକାର' ଯୁବବର୍ଗଙ୍କ ପ୍ରତିଭାର ବିକାଶ ସହ ସୃଜନଶୀଳତାର ପରିପ୍ରକାଶ ପାଇଁ 'ଉତ୍ସାହ' ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି କହିଛନ୍ତି।

***Desk***

## ଆଳୁ ପିଆଜ ଆମଦାନୀ

ରାଜ୍ୟରେ ଖାଉଟିମାନଙ୍କ ଆଳୁ ଓ ପିଆଜର ଆବଶ୍ୟକତା ପୂରଣ ନିମନ୍ତେ ସାତୋଟି ରାଜ୍ୟରୁ ରାଜ୍ୟ ସରକାର ଆଳୁ ପିଆଜ ଆମଦାନୀ କରୁଛନ୍ତି। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବରୁ ରାଜ୍ୟକୁ ଆଳୁ ଆମଦାନୀ ହେଉଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ପିଆଜ ଆମଦାନୀ ହେଉଥିବା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସୂଚନା ଅନୁସାରେ ୨୦୨୩-୨୪ର ଆଗୁଆ ଆକଳନ ଅନୁସାରେ ରାଜ୍ୟରେ ୪ ଲକ୍ଷ ୨୭ ହଜାର ମେଟ୍ରିକ୍ ଟନ୍ ଆଳୁ ଏବଂ ୪ ଲକ୍ଷ ୧୯ ହଜାର ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦିତ ହେବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ରାଜ୍ୟର ଲୋକମାନଙ୍କର ଚାହିଦା

ଅନୁସାରେ ଉତ୍ପାଦନ କମ୍ ଥିବାରୁ ବାହାର ରାଜ୍ୟରୁ ଆଳୁ ପିଆଜ ଆମଦାନୀ କରାଯାଉଛି। ବିଧାନସଭାରେ ତଥ୍ୟ ରଖି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପାଉଥିବାରୁ କଳାବଜାରୀଙ୍କୁ ରୋକିବା ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଆଇନ ଅନୁସାରେ ଚଳିତ ବର୍ଷ ୧୩୩ ଜଣ ଖିଲାପକାରୀ ବ୍ୟବସାୟୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି।

***Desk***

# ପି.ଏମ୍. ଆବାସ - ମାର୍ଗଦର୍ଶିକା

ପ୍ରଧାନମନ୍ତ୍ରୀ ଆବସ ଯୋଜନା ଅଧୀନରେ ଗୃହ ଆବଣ୍ଟନ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୂଆ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏଣିକି ଆବେଦନକାରୀ ଆବାସ ସଂକ୍ରାନ୍ତ ସମସ୍ତ ତଥ୍ୟ ସିଧାସଳଖ 'ଆବାସ ପ୍ଲସ୍' ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିପାରିବେ । ଯୋଜନା ପ୍ରଣୟନରେ ସ୍ୱଚ୍ଛତା ଏବଂ ଏହାର ସୁଫଳ ଯୋଗ୍ୟ ହିତାଧିକାରୀ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂଚନା ଦେଇଛି । ଏଥିପାଇଁ ପଞ୍ଚାୟତ ସ୍ତରରେ କର୍ମଶାଳାମାନ ଆୟୋଜନ କରାଯିବ ବୋଲି ବିଭାଗ କହିଛି ।

***BBSR/R***

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ରେ ଓଡ଼ିଶା ମଣ୍ଡପ ରୌପ୍ୟ ପଦକ ପାଇଛି । 'ବିକଶିତ ଭାରତ : ବିକଶିତ ଓଡ଼ିଶା' ଶୀର୍ଷକ ନେଇ ଚଳିତ ବର୍ଷ ଓଡ଼ିଶା ମଣ୍ଡପ ପ୍ରସ୍ତୁତ କରାଯାଇଥିଲା । ଏଥରକୁ ମିଶାଇ କ୍ରମାଗତ ତୃତୀୟ ଥରପାଇଁ ଓଡ଼ିଶା ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ପୁରସ୍କୃତ ହୋଇଛି । ସୂଚନାଯୋଗ୍ୟ, ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଗତକାଲି ଉଦ୍‌ଯାପିତ ହୋଇଛି ।

***HS***

## ବିମାନ ଉଡ଼ାଣ

ଭୁବନେଶ୍ୱରରୁ ଆସନ୍ତା ନୂଆବର୍ଷରୁ ପାଞ୍ଚଟି ନୂଆ ସ୍ଥାନକୁ ବିମାନସେବା ଆରମ୍ଭ ହେବ। ଜାନୁୟାରୀ ପହିଲାରୁ ଇନ୍ଦୋର ଓ ଡେରାଡୁନକୁ ବିମାନସେବା ଆରମ୍ଭ ହେବାକୁ ଥିବାବେଳେ ଜାନୁଆରୀ ୩ ତାରିଖରୁ ଲକ୍ଷ୍ନୌ, ଜୟପୁର ଓ କୋଚିକୁ ବିମାନ ଉଡ଼ାଣ ହେବ।

***Cuttack***

## ପରିବେଶ ପାଇଁ ଜୀବନଶୈଳୀ କାର୍ଯ୍ୟକ୍ରମ

ଭୁବନେଶ୍ୱର ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍ସ ଅଡିଟୋରିୟମଠାରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭୁବନେଶ୍ୱର ଏବଂ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପରିବେଶ ପାଇଁ ଜୀବନଶୈଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପୂର୍ବାଞ୍ଚଳ ମହାନିର୍ଦ୍ଦେଶକ ଟି.ଭି.କେ. ରେଡ୍ଡୀ ଯୋଗଦେଇ ମଣିଷ ନିଜ ଅଭ୍ୟାସ ଓ

ଜୀବନଶୈଳୀରେ ପରିବର୍ତ୍ତନ କରି ପରିବେଶ ପାଇଁ ଅନୁକୂଳ ଜିନିଷ ବ୍ୟବହାର କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଭୁବନେଶ୍ୱର ପିଆଇବିର ଏଡିଜି ଅଖିଳ କୁମାର ମିଶ୍ର ଯୋଗଦେଇ ପ୍ରକୃତି ଓ ପରିବେଶ ପ୍ରତି ସୃଷ୍ଟି ହୋଇଥିବା ଆହ୍ୱାନର ମିଳିତ ମୁକାବିଲା କରିବା ଲାଗି ପରାମର୍ଶ ଦେଇଥିଲେ।

***Desk***

## ଯକ୍ଷ୍ମାମୁକ୍ତ ଭାରତ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଲୋକଙ୍କୁ ଯକ୍ଷ୍ମା ଟିକା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଚାଲିଛି। ୧୮ରୁ ୬୦ ବର୍ଷ ବୟସର ଲୋକମାନେ ଯଦି ବିଗତ ୩ ବର୍ଷ ମଧ୍ୟରେ କୌଣସି ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ କିମ୍ବା ଏହି ବର୍ଗର ରୋଗୀମାନଙ୍କର ମଧୁମେହ ରୋଗ ଥିବ ସେମାନଙ୍କୁ ମଧ୍ୟ ଯକ୍ଷ୍ମା ପ୍ରତିଷେଧକ ଟିକା ଦେବାପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି।